# ଆଇନଗତ ପ୍ରତିନିଧିମାନଙ୍କ ଜରିଆରେ ଶ୍ରୀମତୀ ରମା ଦୁବେ (ମୃତ)

## ବନାମ

## ଚକବନ୍ଦୀ ଉପ-ନିର୍ଦ୍ଦେଶକ ଏବଂ ଅନ୍ୟମାନେ

## ସେପ୍ଟେମ୍ବର 13, 1994

## [କେ. ରାମାସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ପରିସୀମା ଅଧିନିୟମ, 1963: ଧାରା 5 - ଦାନ ଏବଂ ଇଚ୍ଛାପତ୍ର ମାଧ୍ୟମରେ ପ୍ରାପ୍ତ ଜମିର ମାଲିକାନା ପରିବର୍ତ୍ତନ ଲିପିବଦ୍ଧକରଣ - ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ବହୁ ବର୍ଷ ପରେ ବିଳମ୍ବକୁ କ୍ଷମା କରିବା ପାଇଁ ଆବେଦନ କରି ବିରୋଧ - କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବେଦନ ଖାରଜ - ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ - ନିର୍ଣ୍ଣୟ କରାଗଲା ଯେ ହସ୍ତକ୍ଷେପ ଯୁକ୍ତିଯୁକ୍ତ ନୁହେଁ।*

ଦୁଇ ଭାଇ G ଏବଂ H କେତେକ ଜମିର କାର୍ଯ୍ୟକାଳ ଭୂମି ଧାରକ ଥିଲେ । 1960 ମସିହାରେ ସେମାନେ ସେମାନଙ୍କ ଭଉଣୀର ଝିଅ ଅର୍ଥାତ୍ ଅପିଲକାରୀଙ୍କ ସପକ୍ଷରେ କିଛି ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ସମ୍ବନ୍ଧରେ ଏକ ପଞ୍ଜିକୃତ ଦାନ ପତ୍ର ସମ୍ପାଦନ କରିଥିଲେ । 1969 ମସିହାରେ G ଙ୍କର ମୃତ୍ୟୁ ହୋଇଥିଲା । ଏଥିସହ, 1977 ମସିହାରେ ନିଜ ମୃତ୍ୟୁ ପୂର୍ବରୁ H ଦୁଇଟି ପ୍ଲଟ୍ ସମ୍ବନ୍ଧରେ ଏକ ଇଚ୍ଛାପତ୍ର ସମ୍ପାଦନ କରିଥିଲେ ।

H ଙ୍କ ଜୀବିତ ଅବସ୍ଥାରେ, ଅପିଲକାରୀ G ଏବଂ H ଙ୍କ ଦ୍ୱାରା ସମ୍ପାଦିତ ଦାନ ପତ୍ର ଆଧାରରେ ସ୍ୱାର୍ଥାଧିକାରୀ ଉତ୍ତରାଧିକାରୀ ଭାବରେ ନିଜ ନାମ ସ୍ୱତ୍ୱ ଲିପିରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଚକବନ୍ଦୀ ଅଧିକାରୀଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । H ଙ୍କୁ ସୂଚନା ଜାରି କରାଯାଇଥିଲା, କିନ୍ତୁ ସେ ହାଜର ହୋଇନଥିଲେ । ତେଣୁ, ଦାନ ପତ୍ର ଅଧୀନରେ ଅପିଲକାରୀଙ୍କୁ ଦାନ କରାଯାଇଥିବା 11 ଟି ପ୍ଲଟ୍ ସମ୍ବନ୍ଧରେ ତାଙ୍କ ନାମ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏକପାଖିଆ ଆଦେଶ ପାରିତ ହୋଇଥିଲା ।

H ଙ୍କ ମୃତ୍ୟୁ ପରେ, ଅପିଲକାରୀ ତାଙ୍କୁ ଇଚ୍ଛାପତ୍ର ମାଧ୍ୟମରେ ପ୍ରଦତ୍ତ ଦୁଇଟି ପ୍ଲଟ୍ ସମ୍ବନ୍ଧରେ ମାଲିକାନା ପରିବର୍ତ୍ତନ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ବିଳମ୍ବକୁ କ୍ଷମା କରିବା ପାଇଁ ଉତ୍ତରଦାତା କରିଥିବା ଆବେଦନକୁ ଚକବନ୍ଦୀ ଅଧିକାରୀ ଖାରଜ କରିବା ପରେ, ଉକ୍ତ ଆଦେଶକୁ ଆପତ୍ତି କରି ଉତ୍ତରଦାତା ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ । ଉଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଉତ୍ତରଦାତା G ଏବଂ H ଙ୍କ ଆଇନଗତ ଉତ୍ତରାଧିକାରୀ ହୋଇଥିବାରୁ

ବିଳମ୍ବକୁ କ୍ଷମା କରିବାକୁ ମନା କରିବା ଆଇନତଃ ବୈଧ ନୁହେଁ; ଉଚ୍ଚ ନ୍ୟାୟାଳୟ ସେହି ଆଦେଶଗୁଡ଼ିକୁ ବାତିଲ କରି ମାମଲାଟିକୁ ଚକବନ୍ଦୀ ଅଧିକାରୀଙ୍କ ନିକଟକୁ ପଠାଇଥିଲେ । ତେଣୁ ଏହି ଅପିଲଗୁଡ଼ିକ ଦାୟର ହୋଇଛି ।

ଅପିଲଗୁଡ଼ିକୁ ମଞ୍ଜୁର କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ଦେଇଥିଲେ ଯେ: **1.** କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଲିପିବଦ୍ଧ ଅନୁସନ୍ଧାନ ଅନୁଯାୟୀ, ଯଦିଓ **H** ଙ୍କୁ ବ୍ୟକ୍ତିଗତ ଭାବେ ସୂଚନା ଜାରି କରାଯାଇଥିଲା, ସେ ଚକବନ୍ଦୀ କାର୍ଯ୍ୟାନୁଷ୍ଠାନରେ ଅପିଲକାରୀଙ୍କ ଦାବି ଉପରେ କୌଣସି ପ୍ରଶ୍ନ ଉଠାଇ ନଥିଲେ । ଉତ୍ତରଦାତା, ଯିଏ କି **H** ଙ୍କ ଜଣେ ଆଇନଗତ ପ୍ରତିନିଧି ଭାବରେ ଆସିବାକୁ ଚାହୁଁଛନ୍ତି, ମାଲିକଙ୍କର ଯେତିକି ଅଧିକାର ଥିଲା ତା'ଠାରୁ ଅଧିକ ଅଧିକାର ସେ ପାଇପାରିବେ ନାହିଁ । ଯେହେତୁ ମାଲିକ, ଯାହାଙ୍କ ପାଖରେ କାର୍ଯ୍ୟାନୁଷ୍ଠାନର ସୂଚନା ଥିଲା, ଏକପାଖିଆ ରହିଥିଲେ, ତେଣୁ ଉତ୍ତରଦାତା ତାଙ୍କ ଅପେକ୍ଷା ଉଚ୍ଚ ସ୍ଥିତିରେ ରହିପାରିବେ ନାହିଁ; ଏବଂ ଯେତେବେଳେ ଚକବନ୍ଦୀ ଅଧିକାରୀଙ୍କ ସମ୍ମୁଖରେ ଥିବା କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ହୋଇସାରିଥିଲା, ବହୁ ବର୍ଷ ପରେ ପରିସୀମା ଅଧିନିୟମର ଧାରା **5** ଅଧୀନରେ ବିଳମ୍ବକୁ କ୍ଷମା କରିବା ପାଇଁ ଆବେଦନ କରିବା ଏବଂ ଶୁଣାଣିର ସୁବିଧା ମାଗିବା ଉତ୍ତରଦାତାଙ୍କ ପାଇଁ ଉନ୍ମୁକ୍ତ ନଥିଲା । ଚକବନ୍ଦୀ ଅଧିକାରୀ ସଠିକ୍ ଭାବେ ବିଳମ୍ବକୁ କ୍ଷମା କରିବାକୁ ମନା କରିଦେଇଥିଲେ ଏବଂ ତେଣୁ, ଉଚ୍ଚ ନ୍ୟାୟାଳୟ ଉକ୍ତ ଯୁକ୍ତିଯୁକ୍ତ ଆଦେଶରେ ହସ୍ତକ୍ଷେପ କରିବା ସଠିକ୍ ନଥିଲା । **[540-G, H 541-A]**

**2.** ଦୁଇଟି ପ୍ଲଟ୍ ସମ୍ବନ୍ଧରେ **H** ଙ୍କ ଦ୍ୱାରା ସମ୍ପାଦିତ ଇଚ୍ଛାପତ୍ର ସମ୍ବନ୍ଧରେ, ଯଦିଓ ତାଙ୍କ ମୃତ୍ୟୁ ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା, ଉତ୍ତରଦାତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସମାନ୍ତରାଳ କାର୍ଯ୍ୟାନୁଷ୍ଠାନରେ ଏହା ଦେଖାଗଲା ଯେ ଉତ୍ତରଦାତାମାନେ **H** ଙ୍କ ପ୍ରତି ଶତ୍ରୁଭାବାପନ୍ନ ଥିଲେ ଏବଂ ଅପିଲକାରୀ ନିଜ ମାମୁଁ **G** ଏବଂ **H** ଙ୍କର ଯତ୍ନ ନେଉଥିଲେ । ସେହି ଦୃଷ୍ଟିକୋଣରୁ, ଇଚ୍ଛାପତ୍ରଟି ସଠିକ ଭିତ୍ତିରେ ପ୍ରତିଷ୍ଠିତ । ଯେତେବେଳେ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଇଚ୍ଛାପତ୍ରଟି ଗୃହୀତ ହୋଇଥାଏ, ସେତେବେଳେ **H** ଙ୍କର କଥିତ ଆଇନଗତ ପ୍ରତିନିଧି ଭାବରେ ଉତ୍ତରଦାତାମାନଙ୍କର ଦାବି କରିବା ପାଇଁ ଆଉ କିଛି ବାକି ରହେ ନାହିଁ । ଏହି ପରିସ୍ଥିତିରେ, ଇଚ୍ଛାପତ୍ର ଅନ୍ତର୍ଭୁକ୍ତ ସମ୍ପତ୍ତି ସମ୍ବନ୍ଧରେ ଦିଆଯାଇଥିବା ଆଦେଶରେ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ମଧ୍ୟ ଯୁକ୍ତିଯୁକ୍ତ ନଥିଲା । **[541-B, C]**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2986/1986 ।

ଦେୱାନୀ ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 11059/1980 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ 4.12.85 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀଙ୍କ ତରଫରୁ ଏସ୍.ଏନ୍. ସିଂହ, ଏଚ୍.ଏଲ୍. ଶ୍ରୀବାସ୍ତବ, ବି.ଏମ୍. ଶର୍ମା ଏବଂ ଟି.ଏନ୍. ସିଂହ ।

ଉତ୍ତରଦାତାମାନଙ୍କ ତରଫରୁ ଆର୍.ଡି. ଉପାଧ୍ୟାୟ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ପ୍ରତିସ୍ଥାପନ ପାଇଁ ଆବେଦନ ମଞ୍ଜୁର କରାଗଲା ।

ଦେୱାନୀ ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 11059/1980 ରେ ଏବଂ ଦେୱାନୀ ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 9127/1980 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଡିସେମ୍ବର 4, 1985 ତାରିଖର ରାୟରୁ ଏହି ଅପିଲଗୁଡ଼ିକ ଉତ୍ପନ୍ନ ।

ସ୍ୱୀକୃତ ତଥ୍ୟଗୁଡ଼ିକ ହେଉଛି ଯେ ଗଜାଧର ଏବଂ ହରଜିତ ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲା, ସାଲେମପୁର ତହସିଲ୍ ଅନ୍ତର୍ଗତ ମହେନ ବାବୁ ଗ୍ରାମରେ ଅବସ୍ଥିତ ପ୍ଲଟ୍ ସଂଖ୍ୟା 1072 (0.33 ଏକର), 1082 (0.40 ଏକର), 1083 (0.10 ଏକର), 1202 (0.30 ଏକର), 1203 (0.30 ଏକର), 1204 (0.17 ଏକର), 1210 (0.22 ଏକର), 1069/3 (0.10 ଏକର), 1106 (0.73 ଏକର), 1199 (0.16 ଏକର) ଏବଂ 1329 (0.55 ଏକର) ଜମିର କାର୍ଯ୍ୟକାଳ ଭୂମି ଧାରକ ଥିଲେ । 20 ଫେବୃଆରୀ, 1960 ରେ ସେମାନେ ସେମାନଙ୍କ ଭଉଣୀର ଝିଅ ଶ୍ରୀମତୀ ରମା (ଅପିଲକାରୀ) ଙ୍କ ସପକ୍ଷରେ କେବଳ ଅସ୍ଥାବର ସମ୍ପତ୍ତି ନୁହେଁ ବରଂ ସ୍ଥାବର ସମ୍ପତ୍ତି ପାଇଁ ମଧ୍ୟ ଏକ ପଞ୍ଜିକୃତ ଦାନ ପତ୍ର ସମ୍ପାଦନ କରିଥିଲେ । 1969 ମସିହାରେ ଗଜାଧରଙ୍କ ମୃତ୍ୟୁ ହୋଇଥିଲା । ଦାନ ପତ୍ରରେ 11 ଟି ଜମିର ପ୍ଲଟ୍ ଅନ୍ତର୍ଭୁକ୍ତ ଥିଲା । ହରଜିତ, ତାଙ୍କ ଜୀବିତ ଅବସ୍ଥାରେ, 1977 ମସିହା ଫେବୃଆରୀ 1 ତାରିଖରେ ଦୁଇଟି ପ୍ଲଟ୍ ସମ୍ବନ୍ଧରେ ଏକ ଇଚ୍ଛାପତ୍ର ସମ୍ପାଦନ କରିଥିଲେ । 1977 ମସିହା ଫେବୃଆରୀ 22 ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ହରଜିତଙ୍କ ଜୀବିତ ଅବସ୍ଥାରେ, 1971 ମସିହାରେ, ଅପିଲକାରୀ ଗଜାଧର ଏବଂ ହରଜିତଙ୍କ ଦ୍ୱାରା ସମ୍ପାଦିତ ଦାନ ପତ୍ର ଆଧାରରେ ସ୍ୱାର୍ଥାଧିକାରୀ ଉତ୍ତରାଧିକାରୀ ଭାବରେ ନିଜ ନାମ ସତ୍ତ୍ୱ ଲିପିରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଚକବନ୍ଦୀ ଅଧିକାରୀଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାୟର କରିଥିଲେ । ଯଦିଓ ହରଜିତଙ୍କୁ ସୂଚନା ପଠାଯାଇଥିଲା ଏବଂ ତାଙ୍କୁ ବ୍ୟକ୍ତିଗତ ଭାବେ ପ୍ରଦାନ

କରାଯାଇଥିଲା, ସେ ହାଜର ହୋଇନଥିଲେ । ତେଣୁ, 1960 ମସିହା ଫେବୃଆରୀ 29 ତାରିଖର ଦାନ ପତ୍ର ଅଧୀନରେ ତାଙ୍କୁ ଦାନ କରାଯାଇଥିବା 11 ଟି ପ୍ଲଟ୍ ସମ୍ବନ୍ଧରେ ତାଙ୍କ ନାମ ପରିବର୍ତ୍ତନ କରି ଏକପାଖିଆ ଆଦେଶ ପାରିତ ହୋଇଥିଲା । ସେ ମଧ୍ୟ ହରଜିତଙ୍କ ମୃତ୍ୟୁ ପରେ ତାଙ୍କୁ ଇଚ୍ଛାପତ୍ର ମାଧ୍ୟମରେ ପ୍ରଦତ୍ତ 2 ଟି ପ୍ଲଟ୍ ସମ୍ବନ୍ଧରେ ମାଲିକାନା ପରିବର୍ତ୍ତନ ପାଇଁ କାର୍ଯ୍ୟାନୁଷ୍ଠାନ ଦାୟର କରିଥିଲେ । ଶେଷରେ, ଉତ୍ତରଦାତା ବିଳମ୍ବର କ୍ଷମା ଚାହିଁ ଆଦେଶଗୁଡ଼ିକୁ ଆପତ୍ତି କରି ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ ଯାହା ନ୍ୟାୟାଧିକରଣଙ୍କ ଦ୍ଵାରା ଖାରଜ ହୋଇଥିଲା । ବିଜ୍ଞ ଏକକ ବିଚାରପତି ଆପେକ୍ଷିତ ଆଦେଶରେ ରାୟ ଦେଲେ ଯେ ଉତ୍ତରଦାତା, ମୃତ ଗଜାଧର ଏବଂ ହରଜିତଙ୍କ ଆଇନଗତ ଉତ୍ତରାଧିକାରୀ ଅଟନ୍ତି ଏବଂ ବିଳମ୍ବ କ୍ଷମା କରିବାକୁ ମନା କରିବା ଆଇନତଃ ବୈଧ ନୁହେଁ ଏବଂ ତଦନୁସାରେ, ଆଦେଶଗୁଡ଼ିକୁ ବାତିଲ କରି ମାମଲାକୁ ଚକବନ୍ଦୀ ଅଧିକାରୀଙ୍କ ନିକଟକୁ ସାକ୍ଷ୍ୟ ପ୍ରମାଣ ଲିପିବଦ୍ଧ କରିବା ଏବଂ ପକ୍ଷମାନଙ୍କୁ ସୁଯୋଗ ଦେଇ ଯୋଗ୍ୟତା ଆଧାରରେ ସମାଧାନ କରିବାକୁ ପଠାଇଥିଲେ । ତେଣୁ, ବିଶେଷ ଅନୁମତି ଜରିଆରେ ଏହି ଅପିଲଗୁଡ଼ିକ ଦାୟର ହୋଇଛି ।

ଏହା ବିବାଦୀୟ ନୁହେଁ ଯେ ହରଜିତଙ୍କ ଜୀବିତ ଅବସ୍ଥାରେ, ରମା (ଅପିଲକାରୀ) 1971ମସିହାରେ ଫେବୃଆରୀ 29, 1960 ତାରିଖର ଦାନ ପତ୍ର ଅଧୀନରେ ତାଙ୍କ ଏବଂ ତାଙ୍କ ଭାଇ ଗଜାଧରଙ୍କ ଦ୍ଵାରା ମିଳିତ ଭାବେ ପ୍ରଦତ୍ତ 11 ଟି ପ୍ଲଟ୍ ସମ୍ବନ୍ଧରେ ନାମ ସ୍ଵତ୍ତ୍ଵ ଲିପିରେ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । କର୍ତ୍ତୃପକ୍ଷମାନଙ୍କ ଦ୍ଵାରା ଲିପିବଦ୍ଧ ଅନୁସନ୍ଧାନ ଅନୁଯାୟୀ, ଯଦିଓ ତାଙ୍କୁ ବ୍ୟକ୍ତିଗତ ଭାବେ ସୂଚନା ପ୍ରଦାନ କରାଯାଇଥିଲା, ସେ ଚକବନ୍ଦୀ କାର୍ଯ୍ୟାନୁଷ୍ଠାନରେ ରମାଙ୍କ ଦ୍ଵାରା କରାଯାଇଥିବା ଦାବି ଉପରେ କୌଣସି ପ୍ରଶ୍ନ ଉଠାଇ ନଥିଲେ । ଉତ୍ତରଦାତା, ଯିଏ କି ହରଜିତଙ୍କ ଆଇନଗତ ପ୍ରତିନିଧି ଭାବରେ ଆସିବାକୁ ଚାହୁଁଛନ୍ତି, ମାଲିକଙ୍କର ଯେତିକି ଅଧିକାର ଥିଲା ତା'ଠାରୁ ଅଧିକ ଅଧିକାର ସେ ପାଇପାରିବେ ନାହିଁ । ମାଲିକ ଯେହେତୁ ସୂଚନା ପାଇବା ପରେ ମଧ୍ୟ ଏକପାଖିଆ ରହିଲେ, ଉତ୍ତରଦାତା ତାଙ୍କ ଅପେକ୍ଷା ଉଚ୍ଚ ସ୍ଥିତିରେ ରହିପାରିବେ ନାହିଁ; ଏବଂ ଯେତେବେଳେ ଚକବନ୍ଦୀ ଅଧିକାରୀଙ୍କ ସମ୍ମୁଖରେ ଥିବା କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ହୋଇସାରିଥିଲା, ବହୁ ବର୍ଷ ପରେ ପରିସୀମା ଅଧିନିୟମର ଧାରା 5 ଅଧୀନରେ ବିଳମ୍ବ କ୍ଷମା ପାଇଁ ଏକ ଆବେଦନ କରିବା ଏବଂ ଶୁଣାଣିର ସୁବିଧା ମାଗିବା ଉତ୍ତରଦାତାଙ୍କ ପାଇଁ ଉନ୍ମୁକ୍ତ ନଥିଲା । ଚକବନ୍ଦୀ ଅଧିକାରୀ ସଠିକ୍ ଭାବେ ବିଳମ୍ବକୁ କ୍ଷମା କରିବାକୁ ମନା କରିଦେଇଥିଲେ ଏବଂ ତେଣୁ, ଉଚ୍ଚ ନ୍ୟାୟାଳୟ ଉକ୍ତ ଯୁକ୍ତିଯୁକ୍ତ ଆଦେଶରେ ହସ୍ତକ୍ଷେପ କରିବା ସଠିକ୍ ନଥିଲା । ସେହିପରି, ଦୁଇଟି ପ୍ଲଟ୍ ସମ୍ବନ୍ଧରେ ହରଜିତଙ୍କ ଦ୍ଵାରା ସମ୍ପାଦିତ ଇଚ୍ଛାପତ୍ର ସମ୍ବନ୍ଧରେ, ଯଦିଓ

ଉତ୍ତରଦାତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସମାନ୍ତରାଳ କାର୍ଯ୍ୟାନୁଷ୍ଠାନରେ ହରଜିତଙ୍କ ମୃତ୍ୟୁ ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା, ଏହା ଦେଖାଗଲା ଯେ ଉତ୍ତରଦାତାମାନେ ହରଜିତଙ୍କ ପ୍ରତି ଶତ୍ରୁଭାବାପନ୍ନ ଏବଂ ରମା ନିଜ ମାମୁଁ ଗଜାଧର ଏବଂ ହରଜିତଙ୍କର ଯତ୍ନ ନେଉଥିଲେ । ସେହି ପରିପ୍ରେକ୍ଷୀରେ, ଇଚ୍ଛାପତ୍ରଟି ସଠିକ୍ ଭାବରେ ସୁପ୍ରତିଷ୍ଠିତ । ଯେତେବେଳେ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଇଚ୍ଛାପତ୍ରଟି ଗୃହୀତ ହୋଇଥାଏ, ସେତେବେଳେ ହରଜିତଙ୍କର କଥିତ ଆଇନଗତ ପ୍ରତିନିଧି ଭାବରେ ଉତ୍ତରଦାତାମାନଙ୍କର ଦାବି କରିବା ପାଇଁ ଆଉ କିଛି ବାକି ରହେ ନାହିଁ । ଏହି ପରିସ୍ଥିତିରେ, ଇଚ୍ଛାପତ୍ର ଅନ୍ତର୍ଭୁକ୍ତ ସମ୍ପତ୍ତି ସମ୍ବନ୍ଧରେ ଦିଆଯାଇଥିବା ଆଦେଶରେ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ମଧ୍ୟ ଯୁକ୍ତିଯୁକ୍ତ ନଥିଲା ।

ତଦନୁସାରେ ଅପିଲଗୁଡ଼ିକୁ ମଞ୍ଜୁର କରାଯାଉଛି । ଆଜ୍ଞାଦେଶ ଆବେଦନଗୁଡ଼ିକ ଖାରଜ ହେଲା । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍. ଅପିଲଗୁଡ଼ିକୁ ମଞ୍ଜୁର କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**